# 'ମଣ୍ଡେଇ' ଉଦ୍‌ଯାପିତ

**ନବରଙ୍ଗପୁର,୧୨।୧୨(ବି.ପ୍ର.)**

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପଲ୍ଲୀଶ୍ରୀ ମେଳା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଯାପନି ଉତ୍ସବରେ ଅତିଥିମାନେ ଜିଲାର ମହାନ ସଂସ୍କୃତି ଓ ପରମ୍ପରାର ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ମଣ୍ଡେଇ ଏବଂ ପଲ୍ଲୀଶ୍ରୀ ମେଳାରୁ ସ୍ପଷ୍ଟ ହେଉଛି ବୋଲି କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ହସ୍ତଶିଳ୍ପ ମାଧ୍ୟମରେ ଉତ୍ପାଦନ କରିଥିବା ସାମଗ୍ରୀ ପଲ୍ଲୀଶ୍ରୀ ମେଳା ମାଧ୍ୟମରେ ବିକ୍ରି କରିବାର ସୁଯୋଗ ପାଇଛନ୍ତି। ସ୍ଥାନୀୟ କଳା, ସଂସ୍କୃତି ବଞ୍ଚାଇବା ସହ ରାଜ୍ୟରେ ୫୦ ହଜାର କଳାକାରଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଏଥିସହ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଯାହା ପ୍ରସ୍ତାବ ଆସିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଅନୁମୋଦିତ କରାଇବେ ବୋଲି ମନ୍ତ୍ରୀ ଢୋଲକିଆ ପ୍ରତିଶ୍ରୁତି ଦେଇଥିଲେ।

ସମ୍ମାନିତ ଅତିଥି ରୂପେ ଅବକାରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ନବରଙ୍ଗପୁର ଜିଲାର ମଣ୍ଡେଇ ପ୍ରସଂଶନୀୟ, ଏହି ଉତ୍ସବ ୩ ଦିନ ପରିବର୍ତ୍ତେ ୫ ଦିନ କରିବା ଆବଶ୍ୟକ ବୋଲି କହିଛନ୍ତି। ଉତ୍କର୍ଷ ଲୋକକଳା, ସଂସ୍କୃତିକୁ ନେଇ ଓଡ଼ିଶା। ମଣ୍ଡେଇ ଏକ ମାଇଲଖୁଣ୍ଟ ହୋଇ ମାନ୍ୟତା ପାଇବ। ନବରଙ୍ଗପୁର ଶାନ୍ତ, ସରଳ ଅଞ୍ଚଳ କହିଥିଲେ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଯେଉଁ ସବୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆବଶ୍ୟକ ସେଗୁଡିକୁ ଜିଲାପାଳଙ୍କ ଜରିଆରେ ସରକାରଙ୍କ ନିକଟକୁ ପଠାଇବାକୁ ବିଧାୟକ ଓ ଏମ୍‌ପିଙ୍କୁ ସେ ଅନୁରୋଧ କରିଛନ୍ତି।

ରାଜ୍ୟ ସରକାର ସତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଆଦିବାସୀ ଯୁବତୀ, ଯୁବକ, ମୁଖିଆ, ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ସମ୍ବୋଧିତ କରିଥିଲେ। ସମ୍ବିଧାନର କିଛି ଧାରାକୁ ନେଇ ଅନୁସୂଚିତ ଜାତି, ଜନଜାତିକୁ ବୁଝିବାକୁ ସେ କହିଥିଲେ। ଆଦିବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯାଉଛି। ଅନୁଷ୍ଠାନ ଓ ପ୍ରତିଷ୍ଠାନରେ ଆଦିବାସୀମାନେ ପ୍ରଥମ ଶ୍ରେଣୀର ସୁବିଧା ପାଇଛନ୍ତି। ସମ୍ବିଧାନ ଯେଉଁ ସୁଯୋଗ ଦେଇଛି ତାହାକୁ ବ୍ୟବହାର କରି ଆଗକୁ ବଢ଼ିବାକୁ ପଡ଼ିବ ବୋଲି ସେ କହିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମଣ୍ଡେଇ ଦେଖିବା ପାଇଁ ପଡ଼ୋଶୀ ଜିଲା ଓ ଛତିଶଗଡ଼ରୁ ବହୁ ସମାଗମ ହେଉଥିବା କହିଛନ୍ତି। କଳାର ଆର୍ଥିକ ଓ ସାଂସ୍କୃତିକ ବିକାଶ ପାଇଁ ମଣ୍ଡେଇ ଏକ ମାଧ୍ୟମ। ପର୍ଯ୍ୟଟନ ବିକାଶରେ ମନ୍ତ୍ରୀଙ୍କ ସହଯୋଗ ରହୁ ବୋଲି ସେ କହିଛନ୍ତି। ସେହିପରି ନବରଙ୍ଗପୁର ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ କଳା ସଂସ୍କୃତିର ମହାମିଳନ ମଣ୍ଡେଇ ବୋଲି କହିଥିଲେ। ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ସମ୍ବୋଧିତ କରି ସାରା ଓଡ଼ିଶାରେ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପରିଚୟ ସୃଷ୍ଟି କରିବା ମଣ୍ଡେଇର ଉଦ୍ଦେଶ୍ୟ ବୋଲି କହିଛନ୍ତି। ଇକୋ ଟୁରିଜିମ୍‌ର ବିକାଶ ପାଇଁ ମନ୍ତ୍ରୀ ଚେଷ୍ଟା କରନ୍ତୁ। ଜିଲାର କେଲିଆ, ସାଇଧାରା, ଚନ୍ଦନଧାର, ପୋଡ଼ାଗଡ଼ ଆଦିର ବିକାଶ କରିବା ପାଇଁ ଆନୁଦାନ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଲୋକ ମେହୋତ୍ସବ ମଣ୍ଡେଇର ଲୋକପ୍ରିୟତା ବଢ଼ିଚାଲିଛି। ଏହା ବହୁ ପୁରାତନ ଆଦିବାସୀ କଳା ଓ ସଂସ୍କୃତି ସହ ଜଡ଼ିତ ବୋଲି କହିଛନ୍ତି। ଗ୍ରାମାଞ୍ଚଳରୁ ପ୍ରତିଭାକୁ ବିକଶିତ କରିବାକୁ ହେଲେ ପଞ୍ଚାୟତ ସ୍ତରରୁ ଆରମ୍ଭ କରାଯିବା ଆବଶ୍ୟକ। ଏଥିପ୍ରତି ସଂସ୍କୃତି ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଉପସ୍ଥିତ ରହି ଐତିହାସିକ ପୋଡ଼ାଗଡ଼ର ବିକାଶ ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇ କହିଛନ୍ତି, ମଣିଷ ଗୋଷ୍ଠୀଗତ ଜୀବନ ଧାରଣ କରିବା ପରେ ମଣ୍ଡେଇ ଓ ଦିଆଲି, ଭିମାଭିମାଣି, ଲାଠି ଚୌକି ଆଦି ପୂଜା ଅର୍ଚ୍ଚନା ହୋଇଆସୁଛି। ପର୍ବପର୍ବାଣୀକୁ ନେଇ ଅନେକ ଢଗଢ଼ମାଳି ରହିଛି। ନବରଙ୍ଗପୁର ଜିଲାର ଏହି କୃଷିଭିତ୍ତିକ ପର୍ବ ଏବେ ଲୋକ ମହୋତ୍ସବରେ ପରିଣତ ହୋଇଛି ବୋଲି କହିଥିଲେ। ଜିଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ ଜିଲାର ଆର୍ଥିକ ବିକାଶ ସହ ସଂସ୍କୃତି, କଳା ସାହିତ୍ୟକୁ ବଞ୍ଚାଇବାକୁ ପଡ଼ିବ ବୋଲି କହିଛନ୍ତି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କମଳ ଲୋଚନ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ମଣ୍ଡେଇ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଡିଆଇପିଆର୍‌ଓ ହଳଧର ନିଆଲ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମଣ୍ଟୁ ଛୁରିଆଙ୍କ ମେଲୋଡି ମୁଖ୍ୟ ଆକର୍ଷଣ ଥିଲା।


ଅତିଥିମାନେ ମଣ୍ଡେଇ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ପ୍ରସ୍ତାବ ଆସିଲେ ଜିଲାର ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ: ଢୋଲକିଆ**


ଉଦ୍‌ଯାପନୀ ସନ୍ଧ୍ୟାରେ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ଓ ଅନ୍ୟ କଳାକାରଙ୍କ ନୃତ୍ୟ ପ୍ରମୁଖ ଆକର୍ଷଣ ଥିଲା।


ଉଦ୍‌ଯାପନୀ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ ।

## ସଂକ୍ଷେପରେ

### ପକ୍ଷାଘାତ ଦେବରାଜଙ୍କ ନିକଟରେ ପହଞ୍ଚିଲା ଭତ୍ତା



ବିଷମକଟକ,୧୨।୧୨(ଡି.ଏନ.ଏ.)- ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ଡଙ୍ଗରସାହିର ଦେବରାଜ ଗଜେନ୍ଦ୍ର ପ୍ରତି ପ୍ରଶାସନ ମାନବିକତା ଦେଖାଇଛି। ବ୍ଲକ ପ୍ରଶାସନ ଏବଂ ବ୍ୟାଙ୍କ ମ୍ୟାନେଜର ଦେବରାଜଙ୍କ ଘରେ ପହଞ୍ଚି ତାଙ୍କୁ ୫ମାସର ଭତ୍ତା ଦେଇଛନ୍ତି। ପ୍ରଶାସନର ଏପରି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଖବର ଜଣାପଡିଛି, ଡଙ୍ଗରସାହିର ଦେବରାଜ ଦୀର୍ଘ ଦିନ ହେବ ପକ୍ଷାଘାତ ରୋଗରେ ପିଡିତ ଥିଲେ। ସେ ଶଯାଶାୟୀ ହୋଇଥିବାରୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆଣିବା ପାଇଁ ବ୍ୟାଙ୍କକୁ ଯାଇପାରୁ ନ ଥିଲେ। ଫଳରେ ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଦେବରାଜ। ଏହି ଖବର ବିଷମକଟକର ସାମାଜିକ ସୁରକ୍ଷା କର୍ମୀ ମୁନା ତାଡିଙ୍ଗିଙ୍କ ନିକଟରେ ପହଞ୍ଚିବାରୁ ସେ ଏନେଇ ବିଷମକଟକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଡିଓ ସଦାଶିବ ନାୟକ ତତ୍ପରତା ପ୍ରକାଶ କରିଥିଲେ। ନାୟକ ଦେବରାଜଙ୍କ ଭତ୍ତା ଟଙ୍କା ଯାଉଥିବା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଯୋଗାଯୋଗ କରି ଭତ୍ତା ଟଙ୍କା ହିତାଧିକାରୀଙ୍କ ଘରେ ପହଞ୍ଚାଇବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ବ୍ୟାଙ୍କ ମ୍ୟାନେଜର ଜୋଷେଫ ତୁର୍କି ବିଡିଓ ନାୟକଙ୍କ ଅନୁରୋଧ ରକ୍ଷା କରି ସୋମବାର ବ୍ଲକ ଅଧକ୍ଷା ଯଶୋଦା ହୁଇକାଙ୍କ ସହ ଦେବରାଜଙ୍କ ଘରକୁ ଯାଇ ତାଙ୍କୁ ୫ ମାସର ଭତ୍ତା ଟଙ୍କା ଦେଇଥିଲେ।

### ଏସିଆ ବୁକ୍ ଅଫ୍ ରେକର୍ଡରେ ସତ୍ୟଙ୍କ କ୍ଷୁଦ୍ରତମ ତ୍ରିରଙ୍ଗା

ବ୍ରହ୍ମପୁର ଅଫିସ୍,୧୨।୧୨-ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ କ୍ଷୁଦ୍ରତମ ତ୍ରିରଙ୍ଗା ଏସିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଗତ ଅଗଷ୍ଟ ମାସରେ ସ୍ୱାଧୀନତା ଦିବସ ଅବସରରେ ସତ୍ୟ ୧ ମିଲିମିଟରର ଜାତୀୟ ପତାକା ନିର୍ମାଣ କରିଥିଲେ। ଏହାକୁ ସେ ଇଣ୍ଡିଆ ବୁକ ଅଫ ରେକର୍ଡ ନିମନ୍ତେ ଆବେଦନ କରିଥିଲେ। ଅଗଷ୍ଟ ୨୯ ତାରିଖରେ ଏହା ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ପରେ ସେ ଏହି କ୍ଷୁଦ୍ରତମ ତ୍ରିରଙ୍ଗାକୁ ଏସିଆ ବୁକ ରେକର୍ଡରେ ସ୍ଥାନ ଦେବା ନିମନ୍ତେ ସେପ୍ଟେମ୍ବର ଆବେଦନ କରିଥିଲେ।

# ରାଜ୍ୟରେ ଫସଲର ପରବର୍ତ୍ତୀ ସଂରକ୍ଷଣ ନୀତି ଖୁବ୍‌ଶୀଘ୍ର ଅରବିନ୍ଦ

**ନବରଙ୍ଗପୁର,୧୨।୧୨(ବି.ପ୍ର.)**

**ଜୈବ ପ୍ରଯୁକ୍ତି କିଶାନ କୃଷକ ତାଲିମ**

ନବରଙ୍ଗପୁର ଜିଲାକୁ କୃଷି ଉଦ୍ୟୋଗୀ ଜିଲାରେ ପରିଣତ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଫସଲର ପରବର୍ତ୍ତୀ ସଂରକ୍ଷଣ ନୀତି ଶୀଘ୍ର ଆରମ୍ଭ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ୫ ଟନ୍ ବିଶିଷ୍ଟ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ତେନ୍ତୁଳଖୁଣ୍ଟି ବ୍ଲକ ବିଜରାଗୁଡ଼ା ଠାରେ ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ଜୈବ ପ୍ରଯୁକ୍ତି କିଶାନ କୃଷକ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷି ଓ କୃଷକ କଲ୍ୟାଣ ତଥା ବୟନ ଶିଳ୍ପ ସଚିବ ଅରବିନ୍ଦ କୁମାର ପାଢ଼ୀ ଏହା କହିଛନ୍ତି। ବୈଜ୍ଞାନିକ ପଦ୍ଧତିରେ ବହୁମୂଲ୍ୟ ପରିବା ଓ ଫଳଚାଷ କରିପାରିଲେ ଚାଷୀ ନିଶ୍ଚିତ ଲାଭବାନ ହୋଇପାରିବେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ନବରଙ୍ଗପୁର ଜିଲାରୁ ଅନେକ ଉଦ୍ୟୋଗୀ ଆଗେଇ ଆସିଲେ ଜିଲା କୃଷି ଉଦ୍ୟୋଗୀ ଜିଲା ଭାବେ ସୀକୃତି ପାଇପାରିବ ବୋଲି ପାଢ଼ୀ ଏଠାରେ ପ୍ରକାଶ କରିଛନ୍ତି।

ତାଲିମ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ବ୍ୟବସାୟିକ କୃଷି ସହ ବଜାର ଜ୍ଞାନକୌଶଳ ବ୍ୟବହାର କରିପାରିଲେ ନିଶ୍ଚିତ ଭାବେ ଚାଷୀ ଲାଭ ପାଇପାରିବେ ବୋଲି କହିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅନ୍ୟା ଦାସ ଉପସ୍ଥିତ ରହି କ୍ଲଷ୍ଟର ଭିତ୍ତିକ ଚାଷକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରଚାରକ ଲକ୍ଷ୍ମୀ ନାରାୟଣ ବକ୍ସି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜୀବ ବିଜ୍ଞାନ ସଂସ୍ଥାନର ବରିଷ୍ଠ ବୈଜ୍ଞାନିକ ରାଜୀବ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ଜି. ଭେଙ୍କଟ ରାଓ , ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ, ଆତ୍ମାର ଉପ ନିର୍ଦ୍ଦେଶକ କମଳ ଲୋଚନ ନାୟକଙ୍କ ସମେତ ଜିଲାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ନବରଙ୍ଗପୁର ଓ କୋରାପୁଟ ଜିଲାର ୧୦୦ ଚାଷୀ ଉପସ୍ଥିତ ଥିଲେ। ତାଲିମ କାର୍ଯ୍ୟକ୍ରମକୁ ଏମ୍. ନେଢୁ ଚେଜିୟାନ, ଅଗ୍ରଣୀ କୃଷି ଉଦ୍ୟୋଗୀ ହସମୁଖ ଲାଲ ଚାଓ୍ୱଡ଼ା, ଅମିତାଭ ରାଉତରାୟ, କମଲେସ ସାହୁ, ବିଶ୍ୱଜିତ୍ ପରିଡ଼ା ସହଯୋଗ କରିଥଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ଓ କୃଷକ କଲ୍ୟାଣ ତଥା ବୟନ ଶିଳ୍ପ ସଚିବ ଅରବିନ୍ଦ କୁମାର ପାଢ଼ୀ, ନବରଙ୍ଗପୁର ଜିଲାପାଳ ଓ ଅନ୍ୟମାନେ।

# ମାଗଣା ଗ୍ଲୁକୋମା, ପରଳ ଚକ୍ଷୁ ଚିକିତ୍ସା ଶିବିର

**ମୁନିଗୁଡ଼ା,୧୨।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ମୁନିଗୁଡା ବିକାଶ ପରିଷଦ ଆନୁକୂଲ୍ୟରେ ଗୁଣପୁରର ନିର୍ବାଣ ଟ୍ରଷ୍ଟ ଓ ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ଶଙ୍କର ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହାୟତାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଣ ଟ୍ରଷ୍ଟ ଗୁଣପୁରର ମୁଖ୍ୟ ପରିଚାଳକ ତଥା ଅଖିଳ ଭାରତୀୟ ସନ୍ଥ ସମାଜ ଓଡ଼ିଶା ପ୍ରାନ୍ତ ସଙ୍ଗଠନର ସ୍ୱାମୀ ନିର୍ବାଣନନ୍ଦ ଗିରି ମହାରାଜଙ୍କ ତତ୍ତ୍ୱବଧାନରେ ଶିବିର ହେଇଥିଲା। ମୁଖ୍ୟ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ, ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା, ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଶବର, କୋରାପୁଟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡରୁକା, ଶଙ୍କର ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନିକାନ୍ତ ରାଉତ, ନିର୍ବଣ ଟ୍ରଷ୍ଟ ସଂଯୋଜକ ପ୍ରମୋଦ ସାହୁକାର, ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥା, ଉପ ସଭାପତି ଭୀମ ବେହେରା, ସମ୍ପାଦକ ମାନସ ରଞ୍ଜନ ବେହେରା,ସହ ସମ୍ପାଦକ ସୁଦାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଚକ୍ଷୁ ଚିକିତ୍ସା ଶିବିରର ଉଦ୍‌ଘାଟନ କରିଥିଲେ। ଶିବିରରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଚିଫ୍ ଟେକ୍ନିସିଆନ ଅନୀଲ କୁମାର ସାହୁ, ମୁକେଶ ପାଣିଗ୍ରାହୀ, ସାଗର ପୃଷ୍ଟି, ଗ୍ଲୁକୋଜ ପରୀକ୍ଷକ ମଧୁସ୍ମିତା ପାଇକ, ନର୍ସ ବି.ଭାରତୀ, ପାୟଲ ଗୌଡ଼, ପାର୍ବତୀ ସାହୁ, ପ୍ରିୟଙ୍କା ଗୌଡ଼ ଶ୍ୱେତା ଦଳାଇ,ମୌସୁମୀ ସାହୁ ପ୍ରମୁଖ ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ।




# ଶ୍ରମିକଙ୍କୁ କମେଣ୍ଟମରାରୁ ଗୋଷ୍ଠୀ ସଂଘର୍ଷ, ୨ ଗୁରୁତର, ୬ ଆହତ

**ରାୟଗଡ଼ା ଅଫିସ,୧୨।୧୨**

- ସମାଧାନ ପାଇଁ ଡାକି ଲାଇଟ୍ ବନ୍ଦ କରି ଆକ୍ରମଣ
- ଅଞ୍ଚଳରେ ଉତ୍ତେଜନା, ପୋଲିସ ଫୋର୍ସ ମୁତୟନ
- ସମାଧାନର ଉଦ୍ୟମ ଚଳାଇଛି ପୋଲିସ

ମହିଳା ଶ୍ରମିକଙ୍କୁ ଆକ୍ଷେପ ଏବଂ କମେଣ୍ଟ ମରାକୁ କେନ୍ଦ୍ରକରି ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁରରେ ସୋମବାର ଗୋଷ୍ଠୀ ସଂଘର୍ଷ ଘଟି ୨ ଗୁରୁତର ଏବଂ ୬ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ମୂଳକ ପରିସ୍ଥିତି ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଥାନା ପରିସରରେ ମଧ୍ୟ ଭିଡ଼ ଜମିବା ସହ ପୋଲିସ ସହ ପାଟିତୁଣ୍ଡ ହେବାରୁ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି। ଏଥିରେ ମଧ୍ୟ କେତେଜଣ ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଓ ଆହତମାନେ ହେଲେ ରଘୁନାଥ ହିମିରିକା, କାର୍ତ୍ତିକ ହିମିରିକା, ଆଦେ ପେଦେଣ୍ଟି, ବିଷ୍ଣୁ ମାଣ୍ଡାଙ୍ଗି, ହରିଶ୍ଚନ୍ଦ୍ର ଜିଲାକାରା, ରାଜେନ୍ଦ୍ର ବିଡିକା, ସନ୍ତୋଷ କାଡ୍ରାକା ରହିଛନ୍ତି। ଅନ୍ୟ ଜଣଙ୍କ ପରିଚୟ ମିଳିନି। ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ୨ ଟି ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଘଟଣାରୁପ୍ରକାଶ, ରବିବାର ଦେବଦଳା ଗ୍ରାମର ମହିଳା ଶ୍ରମିକମାନେ ନିକଟସ୍ଥ ନୂଆପଡ଼ା ଗାଁକୁ କାମ କରିବାକୁ ଯାଇଥିଲେ। ସେଠାରେ କେତେଜଣ ଯୁବକ ମହିଳା ଶ୍ରମିକଙ୍କୁ ଆକ୍ଷେପ କରିବା ସହ କମେଣ୍ଟ ମାରିଥିଲେ। ଦେବଦଳା ଗ୍ରାମର ପୁରୁଷ ଶ୍ରମିକ ଓ ମିସ୍ତ୍ରୀ ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ବଚସାରୁ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ନୂଆପଡ଼ା ଗ୍ରାମ ଓ ଦେବଦଳା ଗ୍ରାମର ଯୁବକଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଏହାର ସମାଧାନ ପାଇଁ ଉଭୟ ଗ୍ରାମର ବରିଷ୍ଠ ନାଗରିକ ଆଗେଇ ଆସିଥିଲେ। ରବିବାର ସନ୍ଧ୍ୟାରେ ନୂଆପଡ଼ା ଗ୍ରାମରେ ଆଲୋଚନା ମାଧ୍ୟମରେ ସମାଧାନ ଚାଲିଥିବାବେଳେ ଦେବଦଳା ଗ୍ରାମବାସୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏମିତିକି ସମଗ୍ର ଅଞ୍ଚଳର ଲାଇଟ୍ ବନ୍ଦ କରି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା ବେଳେ ଏଥିରେ ୮ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ଆହତଙ୍କୁ ରବିବାର ରାତିରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲ। ଦୁଇ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏ ନେଇ ଥାନାରେ ଅଭିଯୋଗ ପରେ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦେବଦଳା ଓ ନିକଟସ୍ଥ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଏହି ସମୟରେ ପୋଲିସ ସହ ମଧ୍ୟ ଗ୍ରାମବାସୀଙ୍କ ବଚସା ହୋଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ବଦଳରେ ପୋଲିସ ଗ୍ରାମବାସୀଙ୍କୁ ମାଡ଼ ମାରିବା ପ୍ରତିବାଦରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଜେକେପୁର ଠାରେ ୩୨୬ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏହି ସମୟରେ କେତେଜଣ ଗ୍ରାମବାସୀ ନୂଆପଡ଼ା ଗ୍ରାମକୁ ଯାଇ ଆକ୍ରମଣ ଆକ୍ରମଣ କରିଥିଲେ। ଲୋକଙ୍କ ଘରେ ପଶି ବିଭିନ୍ନ ସାମଗ୍ରୀ ଭାଙ୍ଗିବା ସହ କେତୋଟି ବାଇକ ଭାଙ୍ଗି ଦେଇଥିଲେ। ଏସ୍‌ଡିପିଓ ଦେବଜ୍ୟୋତି ଦାସ ଓ ତହସିଲଦାର ତାପସ ରାଉତ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତଥାପି ଜେକେପୁର ଓ ଏହାର ପାରିପାର୍ଶ୍ୱ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ତେବେ ପୂର୍ବରୁ ମଧ୍ୟ ଜେକେପୁରରେ ଏଭଳି ଗୋଷ୍ଠୀ ସଂଘର୍ଷ ଘଟିଥିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆପଡ଼ା, ଚାନ୍ଦିଲି, ଦେବଦଳା, କୁମୁଟାଲପେଟା, ଜେକେପୁର, ନାଇଡୁପେଟା ଗ୍ରାମରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ଚାନ୍ଦିଲି, ରାୟଗଡ଼ା ଓ ଶେଷଖାଲ ଆଇଆଇସି ସମେତ ଆଇ୍‌ଆର୍‌ବି ଏବଂ ଏସ୍‌ଏସ୍‌ବି ଯବାନ ପାଟ୍ରୋଲିଂ କରୁଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ରାମପ୍ରସାଦ ସାହୁ ଓ ଏସ୍‌ଡିପିଓ ଯବାନଙ୍କ ସହାୟତାରେ ପଇଁତରା ମାରୁଛନ୍ତି। ତେବେ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ପୋଲିସ କାହାକୁ ଅଟକ ରଖିନାହିଁ। ଶାନ୍ତି କମିଟି ଗଠନ କରାଯାଇ ସମାଧାନର ଉଦ୍ୟମ କରାଯିବ ବୋଲି ଏଏସ୍‌ପି ସାହୁ କହିଛନ୍ତି। ପୋଲିସ ପକ୍ଷରୁ ଲାଠିଚାଳନା ବିଷୟକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି।



ପୋଲିସ ପରିସ୍ଥିତିକୁ ଶାନ୍ତ କରିବାକୁ ଉଦ୍ୟମ ଚଳାଇଛି।


ନୂଆପଡ଼ା ଗ୍ରାମରେ ଲୋକଙ୍କ ଘରେ ପଶି ଆସବାବପତ୍ର ଏବଂ ବାଇକ୍ ଭଙ୍ଗାରୁଜା କରାଯାଇଛି।

